GOVERNMENT OF ODISHA
FINANCE DEPARTMENT
***

No. 28655 /F., Date: 14 / 10 / 2024
FIN-BUD1-BT-0004-2024

From

Saswat Mishra, IAS,
Principal Secretary to Government.

To

All Additional Chief Secretaries/
Principal Secretaries/
Commissioner-Cum-Secretaries/
Secretaries to Government.

Sub: - Proposals for Supplementary Statement of Expenditure for the financial year 2024-25.

Madam/Sir,

I am directed to say that the Annual Budget, 2024-25 was presented in the Assembly on 25th July, 2024 and the Appropriation Act was enacted on 11th September, 2024.

2. In the meanwhile, we are in the midst of the Fiscal Year and the Departments may need some internal realignment of Budget allocations to give effect to certain policy decisions, like – implementation of new Schemes and Programmes, new CSS Schemes of Government of India, and other evolving development and welfare priorities of the Government. There have also been instances of re-appropriations so as to meet any additional requirement by surrender under appropriate units of expenditure. Above issues need to be addressed in the Supplementary Statement of Expenditure, 2024-25. The Supplementary Budget, 2024-25 is likely to be presented in the Odisha Legislative Assembly during the Winter Session of the Assembly. Accordingly, proposals for inclusion in the Supplementary Statement of Expenditure are required to be submitted to Planning & Convergence Department and Finance Department strictly in accordance with the guidelines indicated below.

3. Government's current-year priorities: The State Government has identified 10-pillars of development, viz. Annadata, Nari Shakti, Samajika Nyaya, Uttama Swasthya Seva O Sikshya Byabastha, Ease of Living, Moulika Nagarika Subidha, Vikasita Gaon-Vikasita

Sahara-Vikasita Odisha, Shilpa, Rojagar O Karma Nijukti, Odia Asmita O Jagannath Sanskruti and People's Government. State Government is on the mission mode to achieve very high standards of public service delivery, with focus on inclusive growth and improved quality of life for the citizens.

4. **Economic and Fiscal outlook:** India's current economic and fiscal outlook remains robust. Domestic economic activity continues to be resilient. Steady progress in south-west monsoon and higher cumulative kharif sowing, augur well for agricultural production. Manufacturing activity continues to gain ground on the back of improving domestic demand. Household consumption is supported by a turnaround in rural demand and steady discretionary spending in urban areas. India will be a bright spot in World Economy scenario during 2024-25. Reserve Bank of India has projected GDP growth rate at 7.2%. As per IMF's World Economic Outlook growth projections (April, 2024), India's growth would be around 7% during FY 2024-25. However, GSDP growth of the State will be 8% in 2024-25 as projected at the time of formulation of Annual Budget, 2024-25. The revenue receipts till August, 2024 have registered a growth of 10% over the previous years' collection. Total Expenditure (other than Debt Servicing) till August, 2024 is 23.4% of the 2024-25 (BE). There is need for expediting the pace of expenditure, while enhancing the capacity at the execution level to speed up infrastructure spending.

5. **Exercise for re-prioritization of the Budget:** While formulating the Annual Budget, 2024-25, the fiscal deficit was projected at 3.5% of GSDP for financing the Budget. Expenditure relating to livelihood and completion of the ongoing capital projects are to be assessed by the Departments in a holistic manner, so that economic activities in the State will get the required boost. Hence, Supplementary Statement of Expenditure, 2024-25 is proposed to be an exercise for re-prioritization of the Budget in which the Administrative Departments would be allowed to augment the provision in one unit only by locating equivalent savings in some other unit of expenditure. High impact new Capital projects, announcements made by Government from time-to-time and proposal for enhancing livelihood activities shall be fully funded.

6. **Supplementary proposals based on actual need and spending capacity:** It is observed very often that Supplementary Provisions, more so Programme Expenditure, are being made without due care and caution, which result in substantial surrender of funds at the end of the financial year. Such large-scale surrender of Supplementary Provision is being adversely commented upon by the C&AG of India year after year. Therefore,

Supplementary proposal should not be prepared in a routine manner; rather it should receive personal attention of the concerned Estimating and Controlling Officer, so that the proposals are based on actual need and should be commensurate with the actual spending capacity.

7. Preparation of supplementary proposals during FY 2024-25

Keeping in view the above stipulations, Supplementary Schedules under Administrative Expenditure, Programme Expenditure, Disaster Risk Management Funds and Transfers from State need to be furnished in the following manner: -

7.1 Recoupment of Advance from Odisha Contingency Fund (OCF)

Advances from Odisha Contingency Fund (OCF) sanctioned from time to time are to be recouped in Supplementary Statement of Expenditure. In absence of recoupment, it would not be possible to sanction further advance to meet any urgent requirement. Hence, proposals are to be submitted for recoupment of any outstanding advance from Odisha Contingency Fund (OCF) in the Supplementary Statement of Expenditure, 2024-25. The recoupment orders should particularly be issued by the concerned Administrative Departments based on the actual expenditures incurred in implementation of emergent initiatives and not against the total fund sanctioned as advance out of the corpus of OCF. While submitting schedules for recoupment, the Letter No. and the date of the sanction of OCF advance along with details of Head of Account should be clearly indicated.

7.2 Provision for Pay and D.A.

Sufficient provision has already been made for Pay and DA in 2024-25 (BE). Besides additional provision under the Salaries unit shall only be allowed, if the provision becomes inadequate due to filling up of posts or otherwise. Wherever required, it should be met by locating savings from the existing provision for re- allocation.

7.3 Provision of outstanding House Rent, Electricity Dues, Water Charges and Municipal Dues

If the Budget provision in respect of House Rent, Electricity Dues, Water Charges and Municipal Dues falls short of the requirement, proposal should be submitted for provision for the differential amount.

7.4 Regularization of Advance Expenditure incurred by way of Authorization

In some cases, Engineering Departments have been authorized (under para 3.7.1(b) of the OPWD Code Vol.-I) to go ahead with the works and to incur expenditure in absence of Budget provision. Regularization of such expenditure should be processed indicating savings/ specific source of funding, if any, for Supplementary provision both under Administrative Expenditure and Programme Expenditure, as the case may be.

7.5 Decretal Dues and Land Acquisition Charges

(a) Amounts required for compliance of Court decrees in respect of Land Acquisition Cases, which have no scope for appeal should be proposed for inclusion in the Supplementary Budget under the "Charged" section. All proposals for decretal dues should be furnished with sufficient justification with firm decision of Government to implement the orders of the Hon'ble Court. (b) Normal Land Acquisition charges wherever necessary for projects/ schemes should be proposed under the "Voted" section under the Detailed Heads meant for the project/ scheme.

7.6 Technical Supplementary

Requirement of fund to meet the additionalities in needy sectors by locating savings or for accounting adjustment without any additional cash outgo, if any, should be proposed. For example, transfer of provision from Revenue Account to Capital Account or from Voted to Charged or vice-versa. Accounting adjustment in respect of receipt of External Assistance under direct payment procedure for Externally Aided Projects should also be done in the Supplementary Statement of Expenditure. The EAP Branch of Finance Department will ask the Administrative Departments to submit the proposals to P&C Department.

7.7 Additional requirement under State Sector Schemes funded by State Government

If any new scheme is required for provision of emergent public service, execution of infrastructure projects, generation of livelihood opportunities, etc., the same can be taken up only after appraisal by Expenditure Finance Committee (EFC) / Standing Finance Committee (SFC) following the due procedure as laid in Finance Department OM No.23373/F. Dt. 19.08.2023 and with specific concurrence of Finance Department for any expenditure under such scheme. For such exigency, the Departments are required to propose for reallocation of provision within the existing ceiling within the similar or same

resource head and Demand. Proposals for additional provision in one unit should be matched by equivalent savings within the similar or same resource head and Demand.

7.8 SNA-SPARSH Model for Centrally Sponsored Schemes (CSS)

(i) Government of India has notified on 21st May 2024 to implement the CSS Just- in-Time system called the SNA SPARSH Model in respect of several additional CSS in 2024-25. Five CSS were onboarded to SNA SPARSH Model during 2023-24. The notified CSSs correspond to around 75 no. of State Linked Schemes (SLS) of 15 CSS implementing Departments, which are to be onboarded to the SNA SPARSH Model. After the onboarding process, sanction of funds in the old systems will be stopped. This would also require necessary modification in the Budget line of the concerned Scheme in the Supplementary Budget.

(ii) As per data available in PFMS, many of the Departments are yet to complete the exercise of deposit of Central share of interest earned in SNA accounts till 31.03.2024 in the Consolidated Fund of India. They need to expedite the process, which would enable Finance Department to submit necessary certificate to Government of India. They are also required to deposit State share of interest earned in SNA accounts till 31.03.2024 in the State exchequer under the chart of account "0049-Interest Receipts-04-Interest receipt of State-801-Interest or other earnings from Grantee on unspent balance-0250- Interest on the unspent balance of grants-02245- Interest on Unspent Balance."

7.9 Limitation in cases where expenditure till 30th September, 2024 under a unit is within 30 % of Budget provision

Proposals involving additional requirement under units, where expenditure till 30th September, 2024 is less than 30% of Budget provision, shall not be considered for inclusion under the Supplementary Statement of Expenditure for the year 2024-25.

8. Submission of Budget Proposal and Time Schedule

8.1 The Administrative Departments are requested to formulate the Supplementary proposals expeditiously in accordance with the guidelines indicated above and submit their proposals online to Planning & Convergence (P&C) Department and Finance Department following the procedure detailed at **Annexure-I**
as per the time schedule given below:

a. In case of Administrative Expenditure, the proposals should be submitted online to Finance Department latest by the **30th October, 2024**.

b. The Programme Expenditure proposals should be submitted to P&C Department by **30th October, 2024**.The P&C Department shall communicate Programme ceiling to Administrative Departments thereafter. The Administrative Departments shall make scheme-wise distribution of the ceiling and submit it to P&C Department subsequently.

c. The Programme Expenditure proposals should be submitted to Finance Department, after concurrence of P&C Department.

8.2 The system will not allow processing of Budget proposals after the due date as mentioned above. Hence, due care should be taken to stick to the stipulated deadlines.

8.3 Any document to be submitted in support of any proposal may be uploaded in BETA or to be sent to the concerned Branch Officer of Finance Department electronically by e-mail. Similarly, any consultation, if required for finalization of Budget proposal, may be done either in physical or virtual mode as per convenience.

The Administrative Departments are, therefore, requested to instruct all the Controlling Officers under their control to adhere to the guidelines and timelines mentioned in the foregoing paragraphs scrupulously. This circular is also hosted in the website of Finance Department (**https://finance.odisha.gov.in/**) for information of all concerned.

Yours faithfully,

14 | X

Principal Secretary to Government

Memo No. 28656 /F., Dated: 14 / 10 / 2024

Copy forwarded to all Heads of Departments (Controlling Officers)/ Financial Advisors/ Asst. Financial Advisors/ Accounts Officers of all Heads of Departments for information and necessary action.

14-x-24

Under Secretary to Government

Memo No. 28657 /F., Dated: 14 / 10 / 2024

Copy forwarded to all Officers/ Desk Officers/ Section Officers of Finance Department for information and necessary action.

14-x-24

Under Secretary to Government

Memo No. 28658 /F., Dated: 14 / 10 / 2024

Copy forwarded to all Treasury Officers of District Treasuries and Special Treasures/ Sub-Treasury Offices/ F.A. & C.A.O. of all Irrigation Projects for information and necessary action.

14-x-24

Under Secretary to Government

Memo No. 28659 /F., Dated: 14 / 10 / 2024

Copy forwarded to Private Secretaries to Principal Secretary/ Special Secretaries/ Additional Secretaries, Finance Department for kind information of Principal Secretary/ Special Secretaries/ Additional Secretaries.

14-x-24

Under Secretary to Government

Memo No. 28660 /F., Dated: 14 / 10 / 2024

Copy forwarded to the Additional Secretary, P& C Department for information and necessary action.

14-x-24

Under Secretary to Government

Memo No. 28661 /F., Dated: 14 / 10 / 2024

Copy forwarded to the Portal-in-Charge, FID with request to upload the circular in the website of Finance Department at https://finance.odisha.gov.in/.

14-x-24

Under Secretary to Government

<u>Annexure-I</u>

PROCESS FOR SUBMISSION OF BUDGET PROPOSAL

(i) The proposal for Administrative Expenditure, Disaster Response Funds and Transfers from State shall be **submitted by the Controlling Officer(s) to the Administrative Department using IFMS platform**. The consolidated proposal of all Controlling Officers of an Administrative Department will be transferred from IFMS to the "Online Budget Compilation System - BETA" seamlessly through web service. **The Administrative Departments after due scrutiny of the consolidated proposal will submit the same to Finance Department using Online Budget Compilation System (URL http://onlinebudget.gov.in/BETA/) in Secretariat LAN**.

(ii) Similarly, Programme Expenditure proposals for the Supplementary Statement of Expenditure, 2024-25 shall also be initiated in the Budget preparation module of IFMS. The Controlling Officers are required to submit the proposal to the Administrative Department using IFMS platform. The Controlling Officer shall enter their Programme Expenditure proposals using the chart of account. The existing charts of account/ schemes are linked to the respective heads of development/ resource head. In case of entering new schemes/ chart of account, the Controlling Officers are required to link it to the appropriate heads of development/ resource head by selecting from the list. **The proposals submitted by the Controlling Officers are to be scrutinized by the concerned Administrative Department and the consolidated proposal is to be submitted by the Administrative Department.** The consolidated proposal of all Controlling Officers of an Administrative Department will be transferred from IFMS to the "Online Budget Compilation System" (BETA) seamlessly through web service. The heads of development-wise proposal would be available to the **Planning & Convergence Department** in BETA in the URL http://onlinebudget.gov.in/BETA/. Planning & Convergence Department shall allocate ceiling online as per heads of development. The Administrative Departments shall distribute the ceiling online among the development sector schemes which shall be approved by Planning & Convergence Department online. The Administrative Departments, then, would be required to submit the Programme Expenditure proposals in charts of account to Finance Department using Online Budget Compilation System in Secretariat LAN using the URL http://onlinebudget.gov.in/BETA. **The Programme Expenditure proposals are also required to be submitted using the online system of IFMS and Budget application as the default mode.**

(iii) While submitting the proposals for **Supplementary Statement of Expenditure, 2024-25**, the Administrative Departments would be required to identify savings under some units of expenditure to make provision afresh or by way of augmentation in some other units of expenditure through re-allocation. In order to ensure availability of adequate funds equivalent to savings located, the Administrative Departments would have to indicate availability of **funds under a particular unit in IFMS** and block the said savings under that unit until it is utilized through Supplementary linked surrender/ re-appropriation. IFMS will block the allocation identified as savings and not allow any further distribution/ utilization till the process of Supplementary linked surrender and re-appropriation is over.

***

ଓଡ଼ିଶା ସରକାର

ଅର୍ଥ ବିଭାଗ

*****

ପତ୍ର ସଂଖ୍ୟା, ୨୮୬୫୫ / ଅର୍ଥ, ଭୁବନେଶ୍ୱର ତା: ୧୪.୧୦.୨୦୨୪ ରିଖ

FIN-BUD1-BT-0004-2024

ପ୍ରେରକ

ଶାଶ୍ୱତ ମିଶ୍ର, ଭା.ପ୍ର.ସେ.

ପ୍ରମୁଖ ଶାସନ ସଚିବ

ପ୍ରାପ୍ତେଷୁ

ରାଜ୍ୟ ସରକାରଙ୍କ ସମସ୍ତ ବିଭାଗର,

ଅତିରିକ୍ତ ମୁଖ୍ୟ ଶାସନ ସଚିବ/

ପ୍ରମୁଖ ଶାସନ ସଚିବ/

କମିଶନର ତଥା ଶାସନ ସଚିବ

ବିଷୟ:-୨୦୨୪-୨୫ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ ନିମନ୍ତେ ପ୍ରସ୍ତାବ ।

ମହାଶୟା / ମହାଶୟ ,

ନିର୍ଦ୍ଦେଶକ୍ରମେ ମୁଁ ଏହା ଜଣାଉଛି କି, ଆର୍ଥିକ ବର୍ଷ ୨୦୨୪-୨୫ ର ବାର୍ଷିକ ବଜେଟ୍-୨୫ ଜୁଲାଇ ୨୦୨୪ରେ ବିଧାନସଭାରେ ଉପସ୍ଥାପିତ ହୋଇଥିଲା ଏବଂ ୧୧ ସେପ୍ଟେମ୍ବର ୨୦୨୪ରେ ବ୍ୟୟ ମଞ୍ଜୁରୀ ବିଧେୟକ ପ୍ରଣୟନ ହୋଇଥିଲା ।

୨. ଇତିମଧ୍ୟରେ, ଆମେ ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧ ଶେଷ କରିଛୁ ଏବଂ ବିଭାଗଗୁଡ଼ିକୁ କେତେକ ନୀତିଗତ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ବଜେଟ୍ ଆବଣ୍ଟନର କିଛି ଆଭ୍ୟନ୍ତରୀଣ ସଂଶୋଧନ/ପରିବର୍ତ୍ତନ ଆବଶ୍ୟକ, ଯେପରିକି - ନୂତନ ଯୋଜନା ଏବଂ କାର୍ଯ୍ୟକ୍ରମଗୁଡ଼ିକର କାର୍ଯ୍ୟକାରିତା, ଭାରତ ସରକାରଙ୍କ ନୂତନ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା କାର୍ଯ୍ୟକାରିତା ଏବଂ ସରକାରଙ୍କ ଅନ୍ୟାନ୍ୟ ବିକାଶ ମୂଳକ ଏବଂ ଜନ କଲ୍ୟାଣକାରୀ ପଦକ୍ଷପ ଗୁଡିକର କାର୍ଯ୍ୟକାରିତା । ଏତଦବ୍ୟତୀତ କିଛି ଅତିରିକ୍ତ ଆବଶ୍ୟକତା ଭରଣା ପାଇଁ ଆବଶ୍ୟକ ସ୍ଥଳରେ ବଜେଟ ଆବଣ୍ଟନ ପୁନଃବିନିଯୋଗ କରାଯାଇଛି । ଉପରୋକ୍ତ ପ୍ରସଙ୍ଗଗୁଡ଼ିକୁ ଅତିରିକ୍ତ ବଜେଟ୍, ୨୦୨୪-୨୫ ମାଧ୍ୟମରେ କାର୍ଯ୍ୟକାରି କରିବାର ଆବଶ୍ୟକତା ରହିଛି । ବିଧାନସଭାର ଶୀତକାଳୀନ ଅଧିବେଶନରେ,୨୦୨୪-୨୫ ଆର୍ଥିକ ବର୍ଷର ଅତିରିକ୍ତ ବଜେଟ୍ ଉପସ୍ଥାପନା ହେବାର ସମ୍ଭାବନା ରହିଛି । ତଦନୁଯାୟୀ, ଆବଶ୍ୟକତାକୁ ଅତିରିକ୍ତ ବଜେଟ୍ ରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବଗୁଡିକ ନିମ୍ନରେ ଦର୍ଶାଯାଇଥିବା ନିର୍ଦ୍ଦେଶାବଳୀ ଅନୁଯାୟୀ ଯୋଜନା ଓ ସଂଯୋଜନ ବିଭାଗ ଏବଂ ଅର୍ଥ ବିଭାଗକୁ ପ୍ରେରଣ କରିବା ଆବଶ୍ୟକ ।

୩. **ସରକାରଙ୍କ ଚଳିତ ବର୍ଷର ପ୍ରାଥମିକତା :** ରାଜ୍ୟ ସରକାର ବିକାଶର ୧୦ଟି ସ୍ତମ୍ଭ ଚିହ୍ନଟ କରିଛନ୍ତି , ଯଥା ଅନ୍ନଦାତା, ନାରୀ ଶକ୍ତି, ସାମାଜିକ ନ୍ୟାୟ, ଉତ୍ତମ ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା ବ୍ୟବସ୍ଥା, ସାବଲୀଳ ଜୀବନଶୈଳୀ, ମୌଳିକ ନାଗରିକ ସୁବିଧା, ବିକଶିତ ଗାଁ, ବିକଶିତ ସହର, ବିକଶିତ ଓଡ଼ିଶା, ଶିଳ୍ପ, ରୋଜଗାର ଓ କର୍ମ ନିଯୁକ୍ତି, ଓଡ଼ିଆ ଅସ୍ମିତା ଓ ଜଗନ୍ନାଥ ସଂସ୍କୃତି, ଓ ଲୋକଙ୍କ ସରକାର । ରାଜ୍ୟ ସରକାର ଜନସାଧାରଣଙ୍କ ସାମଗ୍ରିକ ଅଭିବୃଦ୍ଧି ଏବଂ ଉନ୍ନତ ଜୀବନଶୈଳୀ ଉପରେ ଗୁରୁତ୍ୱ ଦେଇ ଜନସେବା ପ୍ରଦାନର ଉଚ୍ଚ ମାନଦଣ୍ଡ ହାସଲ କରିବାକୁ ଲକ୍ଷ ସ୍ଥିର କରିଛନ୍ତି ।

୪. **ଅର୍ଥନୈତିକ ଓ ବିତ୍ତୀୟ ଦୃଷ୍ଟିକୋଣ :** ଭାରତର ବର୍ତ୍ତମାନର ଅର୍ଥନୈତିକ ଓ ବିତ୍ତୀୟ ଦୃଷ୍ଟିକୋଣ ସୁଦୃଢ଼ ରହିଛି । ଘରୋଇ ଅର୍ଥନୈତିକ କାର୍ଯ୍ୟକଳାପ ସ୍ଥିର ରହିଛି । ଦକ୍ଷିଣ-ପଶ୍ଚିମ ମୌସୁମୀରେ କ୍ରମାଗତ ଅଗ୍ରଗତି ଏବଂ ଅଧିକ ସମୁଦାୟ ଖରିଫ ଚାଷ କୃଷି ଉତ୍ପାଦନ ପାଇଁ ଶୁଭ ସଙ୍କେତ । ଶିଳ୍ପ ଉତ୍ପାଦନ କାର୍ଯ୍ୟକଳାପ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମୀଣ ଚାହିଦାରେ ସକରାତ୍ମକ ପରିବର୍ତ୍ତନ ଏବଂ ସହରାଞ୍ଚଳରେ ଖର୍ଚ୍ଚ, ଘରୋଇ ଚାହିଦାରେ ଅଭିବୃଦ୍ଧିରେ ସହାୟକ ହେଉଅଛି । ୨୦୨୪-୨୫ ରେ ଆର୍ଥିକ ବର୍ଷରେ ବିଶ୍ୱ ଅର୍ଥନୀତିରେ ଭାରତ ଏକ ଉଜ୍ଜ୍ୱଳ ସ୍ଥାନ ରୂପେ ଉଭା ହେବ । ସକଳ ଘରୋଇ ଉତ୍ପାଦ ଅଭିବୃଦ୍ଧି ହାର ୭.୨% ରହିବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ ଆକଳନ କରିଛନ୍ତି । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠି (IMF) ର ବିଶ୍ୱ ଅର୍ଥନୈତିକ ଦୃଷ୍ଟିକୋଣ ଅଭିବୃଦ୍ଧି ଆକଳନ (ଏପ୍ରିଲ, ୨୦୨୪) ଅନୁଯାୟୀ, ୨୦୨୪-୨୫ ଆର୍ଥିକ ବର୍ଷରେ ଭାରତର ଅଭିବୃଦ୍ଧି ପ୍ରାୟ ୭% ରହିବ । ତେବେ ୨୦୨୪-୨୫ ରେ ରାଜ୍ୟର ସକଳ ଘରୋଇ ଉତ୍ପାଦ ଅଭିବୃଦ୍ଧି ୮% ରହିବ । ଯାହା ୨୦୨୪-୨୫ ବାର୍ଷିକ ବଜେଟ୍ ପ୍ରଣୟନ ସମୟରେ ଆକଳନ କରାଯାଇଥିଲା । ୨୦୨୪ ଅଗଷ୍ଟ ସୁଦ୍ଧା ରାଜସ୍ୱ ଆଦାୟ ପୂର୍ବ ବର୍ଷତୁଳନାରେ ୧୦% ବୃଦ୍ଧି ପାଇଛି। ଅଗଷ୍ଟ, ୨୦୨୪ ସୁଦ୍ଧା ମୋଟ ବ୍ୟୟ (ଋଣ ପରିଶୋଧ ବ୍ୟତୀତ) ୨୦୨୪-୨୫ (ବଜେଟ ଆକଳନ)ର ୨୩.୪% ହୋଇଛି । ବର୍ତ୍ତମାନ ସରକାରୀ ବ୍ୟୟର ଗତିକୁ ତ୍ୱରାନ୍ୱିତ କରିବାର ଆବଶ୍ୟକତା ରହିଛି, ବିଶେଷତଃ ବଡ ଭିତ୍ତିଭୂମି ପ୍ରକଳ୍ପର କାର୍ଯ୍ୟକାରୀତା ନିମନ୍ତେ କାର୍ଯ୍ୟ ନିର୍ବାହୀ ସ୍ତରରେ ଉପଯୁକ୍ତ କ୍ଷମତା ବୃଦ୍ଧିର ଆବଶ୍ୟକତା ମଧ୍ୟ ରହିଛି ।

୫. **ବଜେଟର ପୁନଃ ପ୍ରାଥମିକତା ପାଇଁ ପ୍ରୟାସ :** ୨୦୨୪-୨୫ ବାର୍ଷିକ ବଜେଟ୍ ପ୍ରସ୍ତୁତ କରିବା ସମୟରେ ଆବଶ୍ୟକୀୟ ସମ୍ବଳ ପାଇଁ ରାଜ୍ୟ ସକଳ ଘରୋଇ ଉତ୍ପାଦର ୩.୫% ବିତ୍ତୀୟ ନିଅଣ୍ଟ ଆକଳନ କରାଯାଇଥିଲା । ତେବେ, ପ୍ରଶାସନିକ ବିଭାଗମାନେ ଜୀବିକା ସମ୍ବନ୍ଧୀୟ ବ୍ୟୟ ଏବଂ ଚାଲୁଥିବା ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ସମାପ୍ତି ପାଇଁ ସାମଗ୍ରିକ ଭାବରେ ଆକଳନ କରିବା ଆବଶ୍ୟକ, ଯାହାଦ୍ୱାରା ରାଜ୍ୟରେ ଅର୍ଥନୈତିକ କାରବାରକୁ ଆବଶ୍ୟକ ପ୍ରୋତ୍ସାହନ ମିଳିବ । ତେଣୁ ୨୦୨୪-୨୫ ର ଅତିରିକ୍ତ ବଜେଟରେ ଚାଲୁଥିବା ଏବଂ ନୂତନ ଯୋଜନା ମାନଙ୍କର ପୁନଃ ପ୍ରାଥମିକୀକରଣ ଆବଶ୍ୟକ, ଯେଉଁଥିରେ ପ୍ରଶାସନିକ ବିଭାଗମାନଙ୍କୁ ଗୋଟିଏ ୟୁନିଟରେ ଅତିରିକ୍ତ ବ୍ୟବସ୍ଥା ପାଇଁ ଅନ୍ୟ କୌଣସି ୟୁନିଟରେ ଅନୁରୂପ ଆବଣ୍ଟନ ସଞ୍ଚୟ ଆବଶ୍ୟକ ହେବ । ନୂତନ ପୁଞ୍ଜି ପ୍ରକଳ୍ପ, ସମୟ

ସମୟରେ ସରକାରଙ୍କ ଦ୍ୱାରା କରାଯାଇଥିବା ଘୋଷଣା ଏବଂ ଜୀବିକା ସୁଯୋଗ ସୃଷ୍ଟି ପାଇଁ ପ୍ରସ୍ତାବଗୁଡିକୁ ସମ୍ପୂର୍ଣ୍ଣ ଭାବେ ପାଣ୍ଠି ଯୋଗାଇ ଦିଆଯିବ ।

୬. **ବାସ୍ତବ ଆବଶ୍ୟକତା ଏବଂ ଖର୍ଚ୍ଚ କ୍ଷମତା ଉପରେ ଆଧାରିତ ଅତିରିକ୍ତ ବଜେଟ ପ୍ରସ୍ତାବ :** ଏହା ପ୍ରାୟତଃ ଦେଖାଯାଏ ଯେ ଅତିରିକ୍ତ ବଜେଟ ପ୍ରସ୍ତାବ ଗୁଡିକ, ବିଶେଷକରି କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବ, ବିନା ଯତ୍ନ ଏବଂ ସତର୍କତା ସହ ପ୍ରସ୍ତୁତ କରାଯାଉଛି, ଯାହାର ପରିଣତି ସ୍ୱରୂପ ଆର୍ଥିକ ବର୍ଷ ଶେଷରେ ବହୁଳ ପରିମାଣର ପାଣ୍ଠି ଖର୍ଚ୍ଚ ନହୋଇ ସମର୍ପଣ ହୋଇଥାଏ । ଅତିରିକ୍ତ ବଜେଟ ବ୍ୟବସ୍ଥାର ଏଭଳି ସମର୍ପଣ ଉପରେ ମହାଲେଖାକାର, ଓଡିଶା ପ୍ରତିକୂଳ ମନ୍ତବ୍ୟ ଦେଉଛନ୍ତି । ତେଣୁ ଅତିରିକ୍ତ ବଜେଟ୍ ପ୍ରସ୍ତାବ ଅବାସ୍ତବ ଢଙ୍ଗରେ ପ୍ରସ୍ତୁତ କରିବା ଉଚିତ ନୁହେଁ; ବରଂ ସମ୍ପୃକ୍ତ ଆକଳନ ଏବଂ ନିୟନ୍ତ୍ରଣ ଅଧିକାରୀଙ୍କ ବ୍ୟକ୍ତିଗତ ଦୃଷ୍ଟି ଆକର୍ଷଣ କରିବା ଉଚିତ୍, ଯାହା ଦ୍ୱାରା ପ୍ରସ୍ତାବଗୁଡ଼ିକ ବାସ୍ତବ ଆବଶ୍ୟକତା ଏବଂ ପ୍ରକୃତ ଖର୍ଚ୍ଚ କ୍ଷମତା ଉପରେ ଆଧାରିତ ହେବ ।

୭. **୨୦୨୪-୨୫ ଆର୍ଥିକ ବର୍ଷରେ ଅତିରିକ୍ତ ବଜେଟ ପ୍ରସ୍ତାବ ପ୍ରସ୍ତୁତି :**

ଉପରୋକ୍ତ ସର୍ତ୍ତାବଳୀକୁ ଦୃଷ୍ଟିରେ ରଖି ପ୍ରଶାସନିକ ବ୍ୟୟ, କାର୍ଯ୍ୟକ୍ରମ ବ୍ୟୟ, ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠି ଏବଂ ରାଜ୍ୟରୁ ହସ୍ତାନ୍ତର ବାବଦକୁ ଅତିରିକ୍ତ ବଜେଟ ପ୍ରସ୍ତାବ ନିମ୍ନଲିଖିତ ଉପାୟରେ ପ୍ରସ୍ତୁତ କରିବା ଆବଶ୍ୟକ:-

୭.୧ **ଓଡ଼ିଶା ଆକସ୍ମିକ ପାଣ୍ଠି (OCF) ରୁ ପ୍ରଦାନ କରାଯାଇଥିବା ଅଗ୍ରୀମ ରାଶି ଫେରସ୍ତ :**

ଓଡ଼ିଶା ଆକସ୍ମିକ ପାଣ୍ଠି (OCF)ରୁ ସମୟ ସମୟରେ ମଞ୍ଜୁର ହୋଇଥିବା ଅଗ୍ରୀମକୁ ଅତିରିକ୍ତ ବଜେଟରେ ଫେରସ୍ତ କରାଯାଇଥାଏ । ପୂର୍ବରୁ ମଞ୍ଜୁର କରାଯାଇଥିବା ଅଗ୍ରୀମ ରାଶି ଫେରସ୍ତ ବିନା, ଓଡ଼ିଶା ଆକସ୍ମିକ ପାଣ୍ଠି (OCF)ରୁ ପୁନଃ ମଞ୍ଜୁର ଅଗ୍ରୀମ କରିବା ସମ୍ଭବ ନୁହେଁ । ତେଣୁ ୨୦୨୪-୨୫ ର ଅତିରିକ୍ତ ବଜେଟ ବିବରଣୀରେ ଓଡ଼ିଶା ଆକସ୍ମିକ ପାଣ୍ଠି (OCF)ରୁ ବକେୟା ଅଗ୍ରୀମ ଅର୍ଥ ଫେରସ୍ତ ପାଇଁ ପ୍ରସ୍ତାବ ଦାଖଲ କରାଯିବ । ସମ୍ପୃକ୍ତ ପ୍ରଶାସନିକ ବିଭାଗ, ଜରୁରୀ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଆକସ୍ମିକ ପାଣ୍ଠିରୁ ନେଇଥିବା ଅଗ୍ରୀମ ରାଶି ବାସ୍ତବ ଖର୍ଚ୍ଚ ଆଧାରରେ ଫେରସ୍ତ ନିମନ୍ତେ ଆଦେଶ ନାମା ଜାରି କରିବା ଆବଶ୍ୟକ । ଅଗ୍ରୀମ ରାଶି ଫେରସ୍ତ ପାଇଁ ପ୍ରସ୍ତାବ ଦାଖଲ କରିବା ସମୟରେ, ଚିଠି ସଂଖ୍ୟା, OCF ଅଗ୍ରୀମ ମଞ୍ଜୁର ତାରିଖ ଏବଂ ଆକାଉଣ୍ଟ ବିବରଣୀ ସ୍ପଷ୍ଟ ଭାବରେ ଦର୍ଶାଯିବା ଆବଶ୍ୟକ ।

୭.୨ **ବେତନ ଓ ମହଙ୍ଗା ଭତା ପାଇଁ ବ୍ୟବସ୍ଥା :**

୨୦୨୪-୨୫ ବଜେଟ ଆକଳନରେ ବେତନ ଓ ମହଙ୍ଗା ଭତ୍ତା ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରାଯାଇଛି । କେବଳ ପଦବୀ ପୂରଣ କିମ୍ବା ଆବଶ୍ୟକତା ଠାରୁ କମ୍ ବ୍ୟୟ ବରାଦ ଥିବା ସ୍ଥଳେ ଦରମା ୟୁନିଟ୍‌ରେ ଅତିରିକ୍ତ

ବ୍ୟବସ୍ଥା ପାଇଁ ଅନୁମତି ଦିଆଯିବ । ଆବଶ୍ୟକ ସ୍ଥଳେ ପୁନଃ ଆବଣ୍ଟନ ପାଇଁ ଅନୁମୋଦିତ ବ୍ୟବସ୍ଥାରୁ ସଞ୍ଚୟ ସଂଗ୍ରହ କରି ଏହାକୁ ଭରଣା କରାଯିବା ଉଚିତ ।

୭.୩ ବକେୟା ଘର ଭଡ଼ା, ବିଦ୍ୟୁତ ଦେୟ, ଜଳ ଶୁଳ୍କ ଓ ମ୍ୟୁନିସିପାଲିଟି ଦେୟ ପାଇଁ ବ୍ୟବସ୍ଥା :

ଯଦି ଘର ଭଡ଼ା, ବିଦ୍ୟୁତ ବକେୟା, ଜଳ ଶୁଳ୍କ ଏବଂ ମ୍ୟୁନିସିପାଲିଟି ଦେୟ ବାବଦରେ ବଜେଟ୍ ବ୍ୟବସ୍ଥା ଆବଶ୍ୟକତା ଠାରୁ କମ୍ ହୁଏ, ତେବେ ଆବଶ୍ୟକ ପରିମାଣର ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦାଖଲ କରାଯାଇ ପାରିବ ।

୭.୪ ଅନୁମୋଦନ ମାଧ୍ୟମରେ ହୋଇଥିବା ଅଗ୍ରୀମ ଖର୍ଚ୍ଚକୁ ନିୟମିତ କରିବାର ବ୍ୟବସ୍ଥା :

କେତେକ କ୍ଷେତ୍ରରେ ଇଞ୍ଜିନିୟରିଂ ବିଭାଗଗୁଡ଼ିକୁ (OPWD କୋଡ୍ ଭଲ୍ୟୁମ-I ର ପାରା ୩.୭.୧(ବି) ଅନୁଯାୟୀ) ବଜେଟ୍ ବ୍ୟବସ୍ଥା ଉପଲବ୍ଧି ବିନା କାର୍ଯ୍ୟ କରିବା ଏବଂ ବ୍ୟୟ ବହନ କରିବାକୁ କ୍ଷମତା ଦିଆଯାଇଛି । ଉଭୟ ପ୍ରଶାସନିକ ବ୍ୟୟ ଏବଂ କାର୍ଯ୍ୟକ୍ରମ ବ୍ୟୟ ଅଧୀନରେ ଅନୁମୋଦନ ମାଧ୍ୟମରେ ହୋଇଥିବା ଅଗ୍ରୀମ ଖର୍ଚ୍ଚକୁ, ନିୟମିତ କରିବା ପାଇଁ, ସଞ୍ଚୟ/ ନିର୍ଦ୍ଦିଷ୍ଟ ପାଣ୍ଠିର ଉତ୍ସ ସୂଚିତ କରି ପ୍ରସ୍ତାବ ଆଗତ କାରାଯାଇ ପାରିବ ।

୭.୫ ଅଦାଲତଙ୍କ ନିର୍ଦ୍ଦେଶୀତ ଅର୍ଥ ରାଶି ଦେୟ ଓ ଜମି ଅଧିଗ୍ରହଣ ଦେୟ :

(କ) ଜମି ଅଧିଗ୍ରହଣ ମାମଲା ସମ୍ପର୍କରେ ଅଦାଲତଙ୍କ ନିର୍ଦ୍ଦେଶପାଳନ ପାଇଁ ଆବଶ୍ୟକ ରାଶି, ଅତିରିକ୍ତ ବଜେଟ୍‌ରେ "ନିର୍ଦ୍ଦେଶୀତ" ଧାରା ଅଧିନରେ ଅନ୍ତର୍ଭୁକ୍ତ କରିବା ପାଇଁ ପ୍ରସ୍ତାବ ଦିଆଯାଇ ପାରିବ । ମାନ୍ୟବର ଅଦାଲତଙ୍କ ଆଦେଶକୁ କାର୍ଯ୍ୟକାରୀ କରିବା ନିମନ୍ତେ ଅର୍ଥ ରାଶି ପ୍ରଦାନ ପାଇଁ ପ୍ରର୍ଯ୍ୟାପ୍ତ ଯଥାର୍ଥତା ଓ ସରକାରଙ୍କ ନିଷ୍ପତି ସହ ସମସ୍ତ ପ୍ରସ୍ତାବ ଉପସ୍ଥାପନା କରାଯିବା ଉଚିତ୍ ।

(ଖ) ପ୍ରକଳ୍ପ/ ଯୋଜନା ପାଇଁ ସାଧାରଣ ଭାବେ ଆବଶ୍ୟକ ଜମି ଅଧିଗ୍ରହଣ ଶୁଳ୍କ "ଅନୁମୋଦିତ" ଧାରା ଅଧୀନରେ ପ୍ରସ୍ତାବିତ ହେବା ଉଚିତ୍ ।

୭.୬ ଅତିରିକ୍ତ ବଜେଟରେ ଲେଖା ସଂଶୋଧନ :

ଯଦି କୌଣସି ପ୍ରସ୍ତାବରେ ଅତିରିକ୍ତ ଅର୍ଥର ଆବଶ୍ୟକତା ନଥାଏ ତେବେ ସଞ୍ଚୟ ଚିହ୍ନଟ କରି କିମ୍ବା ଲେଖା ସଂଶୋଧନ ଜରିଆରେ ଆବଶ୍ୟକ କ୍ଷେତ୍ରରେ ଅତିରିକ୍ତ ପାଣ୍ଠିର ପ୍ରସ୍ତାବ ଦିଆଯିବା ଉଚିତ୍ । ଉଦାହରଣ ସ୍ୱରୂପ, ରାଜସ୍ୱ ଖର୍ଚ୍ଚରୁ ପୁଞ୍ଜି ଖର୍ଚ୍ଚକୁ କିମ୍ବା ଅନୁମୋଦିତରୁ ନିର୍ଦ୍ଦେଶିତ କିମ୍ବା ଏହାର ବିପରୀତ ବ୍ୟବସ୍ଥା ଜରିଆରେ ଅର୍ଥ ରାଶି ସ୍ଥାନାନ୍ତରକୁ ଗ୍ରହଣ କରାଯିବ । ବାହ୍ୟ ଅନୁଦାନପ୍ରାପ୍ତ ପ୍ରକଳ୍ପଗୁଡ଼ିକ ପାଇଁ ପ୍ରତ୍ୟକ୍ଷ ଦେୟ ପ୍ରକ୍ରିୟା ଅଧୀନରେ ବାହ୍ୟ ସହାୟତା ପ୍ରାପ୍ତି ସମ୍ବନ୍ଧରେ ଲେଖା ସଂଶୋଧନ ମଧ୍ୟ ଅତିରିକ୍ତ ବଜେଟ ବ୍ୟୟ ପ୍ରସ୍ତାବରେ ଅନ୍ତର୍ଭୁକ୍ତ କରିବା ଆବଶ୍ୟକ । ଏହି ବାବଦରେ ପ୍ରସ୍ତାବଗୁଡ଼ିକୁ ଯୋଜନା ଓ ସଂଯୋଜନ ବିଭାଗକୁ ଦାଖଲ କରିବା ନିମନ୍ତେ, ଅର୍ଥ ବିଭାଗର ବାହ୍ୟ ଅନୁଦାନପ୍ରାପ୍ତ ପ୍ରକଳ୍ପ (EAP) ଉପ-ବିଭାଗ ନିର୍ଦ୍ଦେଶନାମା ଜାରି କରିଛି ।

୭.୭ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁଦାନପ୍ରାପ୍ତ ରାଜ୍ୟ ସ୍ତରୀୟ ଯୋଜନାରେ ଅତିରିକ୍ତ ଆବଶ୍ୟକତା :

ଜରୁରୀ କାଳୀନ ଜନସେବା ପ୍ରଦାନ, ଭିତ୍ତିଭୂମି ପ୍ରକଳ୍ପ କାର୍ଯ୍ୟକାରୀ, ଜୀବିକା ସୁଯୋଗ ସୃଷ୍ଟି ଇତ୍ୟାଦି ପାଇଁ ଯଦି କୌଣସି ନୂତନ ଯୋଜନାର ଆବଶ୍ୟକତା ପଡ଼େ, ତେବେ ଅର୍ଥ ବିଭାଗ ପରିପତ୍ର ସଂଖ୍ୟା - ୨୩୩୭୩/ଅର୍ଥ ତା.୧୯.୦୮.୨୦୨୩ ରିଖ ମାଧ୍ୟମରେ ଧାର୍ଯ୍ୟ କରାଯାଇଥିବା ଉପଯୁକ୍ତ ପ୍ରକ୍ରିୟାକୁ ଅନୁସରଣ କରି ଅର୍ଥ କମିଟି (EFC/SFC) ଦ୍ୱାରା ମୂଲ୍ୟାଙ୍କନ ପରେ ହିଁ ଏହାକୁ କାର୍ଯ୍ୟକାରୀ କରାଯାଇ ପାରିବ । ଏହି ପରିପ୍ରେକ୍ଷୀରେ ବିଭାଗଗୁଡ଼ିକ ଉପଲବ୍ଧ ବ୍ୟୟ ସୀମା ମଧ୍ୟରେ ବ୍ୟବସ୍ଥାର ପୁନଃ ଆବଣ୍ଟନ ପାଇଁ ପ୍ରସ୍ତାବ ଦେବା ଆବଶ୍ୟକ । ଅତିରିକ୍ତ ପ୍ରସ୍ତାବ ଗୁଡିକ ନିମନ୍ତେ, ଆବଶ୍ୟକୀୟ ସଞ୍ଚୟ ରାଶି ଚିହ୍ନଟକରି ଗୋଟିଏ ୟୁନିଟରେ ଅତିରିକ୍ତ ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦାଖଲ କରିବା ଉଚିତ୍ ।

୭.୮ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ନିମନ୍ତେ SNA SPARSH ବ୍ୟବସ୍ଥା ପ୍ରଚଳନ :

(କ) 2024-25 ରେ କେତେକ ନିର୍ଦ୍ଦିଷ୍ଟ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା SNA SPARSH ବ୍ୟବସ୍ଥା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ଭାରତ ସରକାର ୨୧ ମଇ ୨୦୨୪ ରେ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । SNA SPARSH ଭାରତ ସରକାରଙ୍କ ଏକ Just in Time ଦେୟ ବ୍ୟବସ୍ଥା ଅଟେ । ୨୦୨୩-୨୪ ରେ ୫ ଟି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାକୁ SNA SPARSH ବ୍ୟବସ୍ଥାରେ ସାମିଲ କରାଯାଇଥିଲା । ବିଜ୍ଞପ୍ତିପ୍ରାପ୍ତ କେନ୍ଦ୍ର ପ୍ରବର୍ତ୍ତିତ ଯୋଜନା ଗୁଡ଼ିକ ୧୫ଟି ପ୍ରଶାସନିକ ବିଭାଗ ଅଧିନରେ କାର୍ଯ୍ୟକାରୀ ହୋଇଥିବା ପ୍ରାୟ ୮୩ ଗୋଟି ରାଜ୍ୟ ସମ୍ପର୍କିତ ଯୋଜନା (SLS) ସହ ସମ୍ପୃକ୍ତ, ଯାହାର SNA SPARSH ବ୍ୟବସ୍ଥା ଅନ୍ତର୍ଭୁକ୍ତିକରଣ ଆବଶ୍ୟକ । ଏହି ଅନ୍ତର୍ଭୁକ୍ତିକରଣ ପ୍ରକ୍ରିୟା ସମାପ୍ତ ହେବା ପରେ ପୁରୁଣା ବ୍ୟବସ୍ଥାରେ ପାଣ୍ଠି ମଞ୍ଜୁର ବନ୍ଦ ହୋଇଯିବ । ଏଥି ପାଇଁ ଅତିରିକ୍ତ ବଜେଟ୍‌ରେ ସମ୍ପୃକ୍ତ ଯୋଜନାର ବଜେଟ୍ ଲାଇନ୍ ମଧ୍ୟ ସଂଶୋଧନ ଆବଶ୍ୟକ ହେବ ।

(ଖ) ଅନେକ ବିଭାଗ ଏ ପର୍ଯ୍ୟନ୍ତ SNA ଆକାଉଣ୍ଟରେ ୩୧.୦୩.୨୦୨୪ ପର୍ଯ୍ୟନ୍ତ ଅର୍ଜିତ ସୁଧର କେନ୍ଦ୍ରୀୟ ଅଂଶକୁ ଭାରତ ସରକାରଙ୍କ ଏକୀକୃତ ପାଣ୍ଠିରେ ଜମା କରିବା ପ୍ରକ୍ରିୟା ଶେଷ କରି ନାହାନ୍ତି । ସେମାନେ ଏହି ପ୍ରକ୍ରିୟାକୁ ତ୍ୱାନ୍ୱିତ କରିବା ଆବଶ୍ୟକ, ଯାହା ଦ୍ୱାରା ଅର୍ଥ ବିଭାଗ ଭାରତ ସରକାରଙ୍କ ନିକଟରେ ଆବଶ୍ୟକ ପ୍ରମାଣ ପତ୍ର ଦାଖଲ କରିବାରେ ସକ୍ଷମ ହେବେ । ପୁନଶ୍ଚ, ୩୧.୦୩.୨୦୨୪ ପର୍ଯ୍ୟନ୍ତ SNA ଆକାଉଣ୍ଟରେ ଅର୍ଜିତ ସୁଧର ରାଜ୍ୟ ଅଂଶ "୦୦୪୯-ସୁଧ ଆୟ-୦୪-ରାଜ୍ୟର ସୁଧ ଆଦାୟ -୮୦୧- ଅନୁଦାନ ପ୍ରାପ୍ତକାରୀଙ୍କ ଠାରୁ ଅବ୍ୟବହୃତ ରାଶି ଉପରେ ସୁଧ ଓ ଅନ୍ୟ ଆୟ -୦୨୫୦- ଖର୍ଚ୍ଚ ହୋଇ ନଥିବା ବଳକା ଅନୁଦାନ ଉପରେ ସୁଧ-୦୨୨୪୫-ଅବ୍ୟବହୃତ ରାଶି ଉପରେ ସୁଧ" ରେ ରାଜ୍ୟ ରାଜ କୋଷରେ ଜମା କରିବାକୁ ପଡିବ ।

୭.୯ ତା ୩୦ ସେପ୍ଟେମ୍ବର, ୨୦୨୪ ରିଖ ସୁଦ୍ଧା ବ୍ୟୟ ବଜେଟ୍ ବ୍ୟବସ୍ଥାର ୩୦% ଭିତରେ ଥିବା କ୍ଷେତ୍ରରେ ପ୍ରତିବନ୍ଧତା :

ତା ୩୦ ସେପ୍ଟେମ୍ବର, ୨୦୨୪ ରିଖ ସୁଦ୍ଧା ବ୍ୟୟ ବଜେଟ୍ ବ୍ୟବସ୍ଥାର ୩୦% ରୁ କମ୍ ଖର୍ଚ୍ଚ ହୋଇଥିବା ୟୁନିଟ୍‌ରେ ଅତିରିକ୍ତ ଆବଶ୍ୟକତା ସମ୍ବନ୍ଧୀୟ ପ୍ରସ୍ତାବଗୁଡ଼ିକୁ ୨୦୨୪-୨୫ ବର୍ଷ ପାଇଁ ଅତିରିକ୍ତ ବଜେଟ ଅଧିନରେ ଅନ୍ତର୍ଭୁକ୍ତ କରିବା ପାଇଁ ବିଚାରକୁ ନିଆଯିବ ନାହିଁ ।

୮. **ବଜେଟ୍ ପ୍ରସ୍ତାବ ଦାଖଲ ନିମନ୍ତେ ସମୟ ସୂଚୀ :**

୮.୧ ପ୍ରଶାସନିକ ବିଭାଗଗୁଡ଼ିକୁ ଉପରୋକ୍ତ ନିର୍ଦ୍ଦେଶାବଳୀ ଅନୁଯାୟୀ ଯଥାଶୀଘ୍ର ଅତିରିକ୍ତ ବଜେଟ ପ୍ରସ୍ତାବ ପ୍ରସ୍ତୁତ କରିବାକୁ ଅନୁରୋଧ କରାଯାଇଛି ଏବଂ ନିମ୍ନରେ ଦିଆଯାଇଥିବା ସମୟ ସୂଚୀ ଅନୁଯାୟୀ **'ପରିଶିଷ୍ଟ-କ'** ରେ ବିସ୍ତୃତ ପ୍ରକ୍ରିୟା ଅନୁସରଣ କରି ଯୋଜନା ଏବଂ ସଂଯୋଜନ ବିଭାଗ ଏବଂ ଅର୍ଥ ବିଭାଗକୁ ଅନଲାଇନରେ ସେମାନଙ୍କ ପ୍ରସ୍ତାବ ଦାଖଲ କରିବାକୁ ଅନୁରୋଧ କରାଯାଉଛି:

(କ) **ପ୍ରଶାସନିକ ବ୍ୟୟ** କ୍ଷେତ୍ରରେ **ତା.୩୦ ଅକ୍ଟୋବର ୨୦୨୪ ରିଖ** ସୁଦ୍ଧା ଅର୍ଥ ବିଭାଗକୁ ଅନଲାଇନ୍ ରେ ପ୍ରସ୍ତାବ ଦାଖଲ କରିବାକୁ ହେବ ।

(ଖ) **କାର୍ଯ୍ୟକ୍ରମ ବ୍ୟୟ** ପ୍ରସ୍ତାବଗୁଡ଼ିକ **ତା. ୩୦ ଅକ୍ଟୋବର୨୦୨୪ ରିଖ** ସୁଦ୍ଧା ଯୋଜନା ଏବଂ ସଂଯୋଜନ ବିଭାଗକୁ ଦାଖଲ କରିବାକୁ ହେବ । ଯୋଜନା ଏବଂ ସଂଯୋଜନ ବିଭାଗ ଏହାପରେ ପ୍ରଶାସନିକ ବିଭାଗଗୁଡିକୁ କାର୍ଯ୍ୟକ୍ରମ ବ୍ୟୟ ସୀମା ବିଷୟରେ ଅବଗତ କରିବେ । ପ୍ରଶାସନିକ ବିଭାଗ ଗୁଡ଼ିକ ଏହି ସୀମା ଭିତରେ ଯୋଜନା ଗୁଡ଼ିକୁ ସମ୍ବଳ ଆବଣ୍ଟନ କରି ପରବର୍ତ୍ତୀ ସମୟରେ ଯୋଜନା ଏବଂ ସଂଯୋଜନ ବିଭାଗକୁ ଦାଖଲ କରିବେ ।

(ଗ) ଶେଷରେ, ଯୋଜନା ଏବଂ ସଂଯୋଜନ ବିଭାଗର ସହମତି ପ୍ରାପ୍ତ କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବ ଗୁଡ଼ିକୁ ଅର୍ଥ ବିଭାଗକୁ ଦାଖଲ କରିବାକୁ ହେବ ।

୮.୨ ଉପରୋକ୍ତ ନିର୍ଦ୍ଧାରିତ ତାରିଖ ପରେ ମିଳିଥିବା ବଜେଟ୍ ପ୍ରସ୍ତାବଗୁଡ଼ିକୁ ଗ୍ରହଣ କରାଯିବ ନାହିଁ । ତେଣୁ ଧାର୍ଯ୍ୟ ସମୟସୀମା ମଧ୍ୟରେ ଅତିରିକ୍ତ ବଜେଟ୍ ପ୍ରସ୍ତାବ ଗୁଡ଼ିକୁ ପ୍ରସ୍ତୁତ କରିବା ଆବଶ୍ୟକ ।

୮.୩ କୌଣସି ପ୍ରସ୍ତାବ ସମ୍ବନ୍ଧରେ ଦାଖଲ କରିବାକୁ ଥିବା ଅତିରିକ୍ତ ଦସ୍ତାବିଜକୁ ବଜେଟ୍ ପ୍ରୟୋଗ – BETA ମାଧ୍ୟମରେ ଉପସ୍ଥାପନ କରାଯାଇପାରିବ କିମ୍ବା ଇ-ମେଲ୍ ମାଧ୍ୟମରେ ଅର୍ଥ ବିଭାଗର ସମ୍ପୃକ୍ତ ଶାଖା ଅଧିକାରୀଙ୍କ ନିକଟକୁ ପ୍ରେରଣ କରାଯାଇ ପାରିବ । ଏହିଭଳି ଆବଶ୍ୟକ ସ୍ଥଳେ ବଜେଟ୍ ପ୍ରସ୍ତାବ ଚୂଡ଼ାନ୍ତ କରିବା ପାଇଁ ବ୍ୟକ୍ତିଗତ କିମ୍ବା ଭର୍ଚୁଆଲ ମୋଡ୍‌ରେ ବିଚାର ବିମର୍ଶ କରାଯାଇପାରିବ ।

ତେଣୁ ପ୍ରଶାସନିକ ବିଭାଗ ଗୁଡ଼ିକୁ ସେମାନଙ୍କ ଅଧୀନରେ ଥିବା ସମସ୍ତ ନିୟନ୍ତ୍ରଣ ଅଧିକାରୀଙ୍କୁ ଉପରୋକ୍ତ ଅନୁଚ୍ଛେଦରେ ଦର୍ଶାଯାଇଥିବା ମାର୍ଗଦର୍ଶିକା ଓ ସମୟସୀମାକୁ କଡ଼ାକଡ଼ି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରାଯାଉଛି । ସମସ୍ତଙ୍କ ଅବଗତି ନିମନ୍ତେ ଏହି ଅତିରିକ୍ତ ବଜେଟ ନିର୍ଦ୍ଦେଶନାମା ଅର୍ଥ ବିଭାଗର ୱେବସାଇଟରେ (https://finance.odisha.gov.in/) ଉପଲବ୍ଧ କରାଯାଇଛି ।

ଆପଣଙ୍କ ବିଶ୍ୱସ୍ତ

14/x

ପ୍ରମୁଖ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୬୫୬ / ଅର୍ଥ, ତା. ୧୪/୧୦/୨୦୨୪ ରିଖ

ଏହାର ଏକକିତା ନକଲ ସମସ୍ତ ବିଭାଗୀୟ ମୁଖ୍ୟ (ନିୟନ୍ତ୍ରଣ ଅଧିକାରୀ)/ଆର୍ଥିକ ପରାମର୍ଶଦାତା/ସହକାରୀ ଆର୍ଥିକ ପରାମର୍ଶଦାତା/ ସମସ୍ତ ବିଭାଗୀୟ ମୁଖ୍ୟଙ୍କ ଆକାଉଣ୍ଟ ଅଧିକାରୀଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୬୫୭ / ଅର୍ଥ, ତା. ୧୪/୧୦/୨୦୨୪ ରିଖ

ଏହାର ଏକକିତା ନକଲ ଅର୍ଥ ବିଭାଗର ସମସ୍ତ ଅଧିକାରୀ/ଡେସ୍କ ଅଧିକାରୀ /ଉପ ବିଭାଗ ଅଧିକାରୀଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୬୫୮ / ଅର୍ଥ, ତା. ୧୪/୧୦/୨୦୨୪ ରିଖ

ଏହାର ଏକକିତା ନକଲ ସମସ୍ତ ଜିଲ୍ଲାର ଜିଲ୍ଲା କୋଷାଗାର, ସ୍ୱତନ୍ତ୍ର କୋଷାଗାର, ଏବଂ ଉପ-କୋଷାଗାରର କୋଷାଗାର ଅଧିକାରୀ / ସମସ୍ତ ଜଳସେଚନ ପ୍ରକଳ୍ପର ଆର୍ଥିକ ପରାମର୍ଶଦାତା-ତଥା-ମୁଖ୍ୟ ଆକାଉଣ୍ଟ ଅଧିକାରୀଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୬୫୯ / ଅର୍ଥ, ତା. ୧୪/୧୦/୨୦୨୪ ରିଖ

ପ୍ରମୁଖ ଶାସନ ସଚିବ/ସ୍ୱତନ୍ତ୍ର ଶାସନ ସଚିବ/ଅତିରିକ୍ତ ଶାସନ ବିହିତ ଅବଗତି ନିମନ୍ତେ ଏହାର ଏକକିତା ନକଲ ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ/ସ୍ୱତନ୍ତ୍ର ଶାସନ ସଚିବ/ଅତିରିକ୍ତ ଶାସନ ସଚିବଙ୍କ ବ୍ୟକ୍ତିଗତ ସଚିବଙ୍କୁ ପ୍ରେରଣ କରାଗଲା ।

ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୬୬୦ / ଅର୍ଥ, ତା. ୧୪/୧୦/୨୦୨୪ ରିଖ

ଏହାର ଏକକିତା ନକଲ ଯୋଜନା ଏବଂ ସଂଯୋଜନ ବିଭାଗର ଅତିରିକ୍ତ ଶାସନ ସଚିବଙ୍କ ବିହିତ ଅବଗତି ଓ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ଅନୁ ଶାସନ ସଚିବ

ଜ୍ଞାପକ ସଂଖ୍ୟା. ୨୮୬୬୧ / ଅର୍ଥ, ତା. ୧୪/୧୦/୨୦୨୪ ରିଖ

ଅର୍ଥ ବିଭାଗର ୱେବସାଇଟ(https://finance.odisha.gov.in/)ରେ ଉପଲବ୍ଧ କରିବା ନିମନ୍ତେ ଏହାର ଏକକିତା ନକଲ ପୋର୍ଟାଲ-ଇନ୍-ଚାର୍ଜ, FID ଙ୍କ ପାଖକୁ ପ୍ରେରଣ କରାଗଲା ।

ଅନୁ ଶାସନ ସଚିବ

ବଜେଟ୍ ପ୍ରସ୍ତାବ ଦାଖଲ ପ୍ରକ୍ରିୟା

୧. ପ୍ରଶାସନିକ ବ୍ୟୟ, ବିପର୍ଯ୍ୟୟ ସଙ୍କଟ ପରିଚାଳନା ପାଣ୍ଠି ଏବଂ ରାଜ୍ୟରୁ ହସ୍ତାନ୍ତର ପାଇଁ ନିୟନ୍ତ୍ରଣ ଅଧିକାରୀମାନେ IFMS ପ୍ଲାଟଫର୍ମ ବ୍ୟବହାର କରି ପ୍ରଶାସନିକ ବିଭାଗକୁ ପ୍ରସ୍ତାବ ଦାଖଲ କରିବେ । ପ୍ରଶାସନିକ ବିଭାଗର ସମସ୍ତ ନିୟନ୍ତ୍ରଣ ଅଧିକାରୀଙ୍କ ସମନ୍ୱିତ ପ୍ରସ୍ତାବକୁ IFMSରୁ ୱେବ୍ ସେବା ମାଧ୍ୟମରେ "ଅନଲାଇନ ବଜେଟ୍ ସଂକଳନ ବ୍ୟବସ୍ଥା – BETA" କୁ ସ୍ଥାନାନ୍ତର କରାଯିବ । ପ୍ରଶାସନିକ ବିଭାଗଗୁଡ଼ିକ ସମନ୍ୱିତ ପ୍ରସ୍ତାବ ଗୁଡ଼ିକ ଯାଞ୍ଚ କରିବା ପରେ ସଚିବାଳୟ LAN ରେ ଅନଲାଇନ୍ ବଜେଟ୍ ସଂକଳନ ବ୍ୟବସ୍ଥା (http://onlinebudget.gov.in/BETA/) ବ୍ୟବହାର କରି ଅର୍ଥ ବିଭାଗକୁ ଦାଖଲ କରିବେ ।

୨. ସେହିପରି IFMS ର ବଜେଟ ପ୍ରସ୍ତୁତି ମଡ୍ୟୁଲରେ ୨୦୨୪-୨୫ ଅତିରିକ୍ତ ବ୍ୟୟ ବିବରଣୀ ପାଇଁ କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବ ମଧ୍ୟ ଆଗତ କରାଯିବ । ନିୟନ୍ତ୍ରଣ ଅଧିକାରୀମାନେ IFMS ପ୍ଲାଟଫର୍ମ ବ୍ୟବହାର କରି ପ୍ରଶାସନିକ ବିଭାଗରେ ପ୍ରସ୍ତାବ ଦାଖଲ କରିବା ଆବଶ୍ୟକ । ନିୟନ୍ତ୍ରଣ ଅଧିକାରୀ ଆକାଉଣ୍ଟର ଚାର୍ଟ ବ୍ୟବହାର କରି ସେମାନଙ୍କର କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବ ଦରଜ କରିବେ । ବିଦ୍ୟମାନ ଆକାଉଣ୍ଟ/ସ୍କିମ୍ ର ଚାର୍ଟଗୁଡ଼ିକ ନିର୍ଦ୍ଦିଷ୍ଟ ଉନ୍ନୟନ / ସମ୍ବଳ ଆକାଉଣ୍ଟ ସହ ସଂଯୁକ୍ତ । ନୂଆ ସ୍କିମ୍/ଆକାଉଣ୍ଟ ଚାର୍ଟ ପ୍ରବେଶ କରିବା କ୍ଷେତ୍ରରେ ନିୟନ୍ତ୍ରଣ ଅଧିକାରୀମାନେ ତାଲିକାରୁ ଚୟନ କରି ବିକାଶର ଉପଯୁକ୍ତ ସମ୍ବଳ ଆକାଉଣ୍ଟ ସହ ସଂଯୋଗ କରିବା ଆବଶ୍ୟକ । ନିୟନ୍ତ୍ରଣ ଅଧିକାରୀମାନେ ଦାଖଲ କରିଥିବା ପ୍ରସ୍ତାବଗୁଡ଼ିକୁ ସଂପୃକ୍ତ ପ୍ରଶାସନିକ ବିଭାଗ ଯାଞ୍ଚ କରିବା ସହ ପ୍ରଶାସନିକ ବିଭାଗ ପକ୍ଷରୁ ସମନ୍ୱିତ ପ୍ରସ୍ତାବ ଦାଖଲ କରାଯିବ । ପ୍ରଶାସନିକ ବିଭାଗର ସମସ୍ତ ନିୟନ୍ତ୍ରଣ ଅଧିକାରୀଙ୍କ ସମନ୍ୱିତ ପ୍ରସ୍ତାବକୁ IFMS ୱେବ୍ ସେବା ଜରିଆରେ "ଅନଲାଇନ ବଜେଟ୍ ସଂକଳନ ବ୍ୟବସ୍ଥା – BETA" କୁ ସ୍ଥାନାନ୍ତର କରାଯିବ । କାର୍ଯ୍ୟକ୍ରମ ପ୍ରସ୍ତାବ ଗୁଡିକ, http://onlinebudget.gov.in/BETA/ ମାଧ୍ୟମରେ ଯୋଜନା ଓ ସଂଯୋଜନ ବିଭାଗ ନିକଟରେ ଉପଲବ୍ଧ ହେବେ । ଯୋଜନା ଓ ସଂଯୋଜନ ବିଭାଗ ଆକାଉଣ୍ଟ ଚାର୍ଟ ଅନୁଯାୟୀ ଅନଲାଇନରେ ବ୍ୟୟ ସୀମା ଆବଣ୍ଟନ କରିବେ । ପ୍ରଶାସନିକ ବିଭାଗ ଗୁଡ଼ିକ ଏହି ସୀମା ଭିତରେ ଯୋଜନା ଗୁଡ଼ିକୁ ସମ୍ବଳ ଆବଣ୍ଟନ କରି ପରବର୍ତ୍ତି ସମୟରେ ଯୋଜନା ଏବଂ ସଂଯୋଜନ ବିଭାଗର ଅନୁମୋଦନ ପାଇଁ ଦାଖଲ କରିବେ । ଅନୁମୋଦନ ପ୍ରାପ୍ତ ପରେ ପ୍ରଶାସନିକ ବିଭାଗଗୁଡ଼ିକ ସଚିବାଳୟ LANରେ "ଅନଲାଇନ ବଜେଟ୍ ସଂକଳନ ବ୍ୟବସ୍ଥା – BETA" ବ୍ୟବହାର କରି କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବଗୁଡ଼ିକୁ ଅର୍ଥ ବିଭାଗକୁ ଦାଖଲ କରିବେ । କାର୍ଯ୍ୟକ୍ରମ ବ୍ୟୟ ପ୍ରସ୍ତାବଗୁଡିକ କେବଳ IFMSର ଅନଲାଇନ୍ ବ୍ୟବସ୍ଥା ଏବଂ "ଅନଲାଇନ ବଜେଟ୍ ସଂକଳନ ବ୍ୟବସ୍ଥା – BETA" ଜରିଆରେ ଦାଖଲ କରିବାକୁ ପଡିବ |

୩. ଅତିରିକ୍ତ ବଜେଟ, ୨୦୨୪-୨୫ ପାଇଁ ପ୍ରସ୍ତାବ ଦାଖଲ କରିବା ସମୟରେ ପ୍ରଶାସନିକ ବିଭାଗଗୁଡ଼ିକ ପୁନଃ ଆବଣ୍ଟନ ମାଧ୍ୟମରେ ନୂତନ ଭାବେ ବ୍ୟବସ୍ଥା କରିବା ପାଇଁ କିମ୍ବା ଅନ୍ୟ କେତେକ ବ୍ୟୟ ୟୁନିଟ୍ ରେ ବୃଦ୍ଧି ନିମନ୍ତେ, ଅନ୍ୟ ବ୍ୟୟ ୟୁନିଟ୍ ଅଧୀନରେ ସଞ୍ଚୟ ଚିହ୍ନଟ କରିବାକୁ ପଡ଼ିବ । ପର୍ଯ୍ୟାପ୍ତ ପାଣ୍ଠିର ଉପଲବ୍ଧତା ସୁନିଶ୍ଚିତ କରିବା

ପାଇଁ ପ୍ରଶାସନିକ ବିଭାଗଗୁଡ଼ିକୁ IFMSରେ ଏକ ନିର୍ଦ୍ଦିଷ୍ଟ ୟୁନିଟ୍ ଅଧୀନରେ ପାଣ୍ଠିର ଉପଲବ୍ଧତା ଦର୍ଶାଇବାକୁ ପଡିବ । ଏହି ୟୁନିଟ୍ ଅଧୀନରେ ଉକ୍ତ ସଞ୍ଚୟକୁ ଅତିରିକ୍ତ ବଜେଟ ସମ୍ପୃକ୍ତ ସମର୍ପଣ / ପୁନଃ ବିନିଯୋଗ ମାଧ୍ୟମରେ ବ୍ୟବହାର ନ ହେବା ପର୍ଯ୍ୟନ୍ତ ଅବରୋଧ କରିବାକୁ ପଡିବ । IFMS ସଞ୍ଚୟ ପାଇଁ ଚିହ୍ନଟ ହୋଇଥିବା ଆବଣ୍ଟନକୁ ଅବରୋଧ କରିବ ଏବଂ ଅତିରିକ୍ତ ବଜେଟ ସମ୍ପୃକ୍ତ ସମର୍ପଣ ଏବଂ ପୁନଃ ବିନିଯୋଗ ପ୍ରକ୍ରିୟା ଶେଷ ନହେବା ପର୍ଯ୍ୟନ୍ତ ଆଉ କୌଣସି ବିତରଣ / ବ୍ୟବହାରକୁ ଅନୁମତି ଦେବ ନାହିଁ ।

***